# Akashvani, Sambalpur

## SAMBALPURI NEWS EVENING BULLETIN

**24 February 2025- 7.02 pm- 7.12 pm.**

**********************************************

୧- ଦେଶର୍ ୯ କୋଟି ୮୦ ଲାଖ୍ ଚାଷୀଙ୍କୁ ପିଏମ୍ କିଷାନ୍ ସମ୍ମାନ୍ ନିଧି ସାହାଜ୍ ଟଙ୍କା ବାଂଟ୍‌ଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ନ ମୁଲ୍ ହେଲା ୬ ନମ୍ବର୍ ଓଡ଼ିଶା ଟ୍ରାଭେଲ୍ ବଜାର୍ ।

୩- ଆଏବା ଶୀତଲ୍‌ଷଷ୍ଠୀ ଯାତ୍ରାତକ୍ ସମ୍ବଲ୍‌ପୁର୍ ସହର୍‌କେ ଜନଭାଗିଦାରୀଥି ପଏର୍‌ଛା ସଫେଇ କରାଯିବା- କହେଲେ କେନ୍ଦ୍ରମନ୍ତ୍ରୀ ।

ଆଉର୍

୪- ସମ୍ବଲ୍‌ପୁର୍ ଠାନେ ମୁଲ୍ ହେଲା ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ।

ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନା ଏନ୍‌ଏସ୍‌ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମଏଧାନେ ବିହାର୍‌ର ଭାଗଲ୍‌ପୁର୍ ଠାନୁ ପିଏମ୍ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାର ୧୯ ନମ୍ବର ଖେପ୍ ସାହାଜ୍ ଟଙ୍କା ବାଂଟିଛନ୍ । ଇତାର୍‌ଜରିଏ ସାରା ଦେଶର୍ ୯ କୋଟି ୭୦ ଲାଖ୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ ୨୨ ହଜାର୍ ୭ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ସାହାଜ୍ ଡିବିଟି ଜରିଏ ଚାଷୀମାନ୍‌କର୍ ଏକାଉଂଟ୍‌କେ ପଠାଯାଇଛେ । ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୬ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଚାଷୀମାନ୍‌କୁ ସାହାଜ୍ ଟଙ୍କା ବଂଟାଯାଇଛେ ।

(ଭଏସ୍ ଓଭର୍-୧- ପ୍ରଧାନ୍‌ମନ୍ତ୍ରୀ)

ବିଶ୍ୱ ନିବେଶକ୍ ସମ୍ମିଳନୀ-ପ୍ରଧାନ୍‌ମନ୍ତ୍ରୀ ଏନ୍‌ଏସ୍‌ଡି

ଇତିହାସ୍‌ନ ପହେଲାକରି ସାରା ପୁର୍‌ଥି ଏଛେନ୍ ଭାରତ୍‌କେ ଆଶା ଆଉ ଆକାଂକ୍ଷା ନଜର୍‌ଥି ଦେଖୁଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ମଧ୍ୟପ୍ରଦେଶର ଭୋପାଲଠାନେ ଆଏଜ୍ ବିଶ୍ୱ ନିବେଶକ୍ ସମ୍ମିଳନୀକେ ଉଦ୍‌ଘାଟନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍, ସାଧାରଣ ଲୋକ୍‌ଠାନୁ ମୁଲ୍ କରି କରି ଅର୍ଥନୀତିଜ୍ଞ, ଭିନ୍ ଭିନ୍ ଦେଶ୍ ଆଉ ସେନର୍ ପ୍ରତିଷ୍ଠାନ୍ ଇହାଦେ ଭାରତ୍ ଉପ୍‌ରେ ବହୁତ୍ ଆଶା ରଖିଛନ୍ । ବିଶ୍ୱ ବେଙ୍କ୍ ସହେତେ ପୁର୍‌ଥିର୍ ପ୍ରମୁଖ ପ୍ରତିଷ୍ଠାନମାନ୍‌କର୍ ନୁ ଭିଲ୍ ଭାରତ୍

ଇହାଦେ ଜୋର୍‌ସେ ଆଗ୍‌କେ ବଢୁଥିବା ଅର୍ଥନୀତି ହେଇଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ଓଡ଼ିଶା ଟ୍ରାଭେଲ୍ ବଜାର୍ କାର୍ଯ୍ୟକ୍ରମ I&PR

ଆଗ୍‌ଧାଡ଼ିର୍ ଅନ୍ତର୍ଜାତୀୟ ବୁଲ୍‌ବାର୍ ଜାଗା ଭାବେ ଓଡ଼ିଶାର୍ ଥିତିକେ ବର୍‌କସ୍ କର୍‌ବାର୍ ଲାଗି ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ୬ ନମ୍ବର୍ ଓଡ଼ିଶା ଟ୍ରାଭେଲ୍ ବଜାର୍ -୨୦୨୫ ମୁଲ୍ ହେଇଛେ । ଭାରତୀୟ ବାଣିଜ୍ୟ ଆଉ ଶିଳ୍ପ ମହାସଂଘ - ଫିକି ଆଉ ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆୟୋଜିତ୍ ଇ କାର୍ଯ୍ୟକ୍ରମ୍ ଆଏବା ୨୭ ତାରିଖ୍‌ତକ୍ ଚାଲ୍‌ବା । କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଛନ୍ । ଇଥି ଦେଶର୍ ଶହେ ଟା ଆଉ ୩୦ ନୁ ଅଏତ୍‌କା ବିଦେଶୀ ପର୍ଯ୍ୟଟନ୍ ପରିଚାଳନା ସଂସ୍ଥା ଭାଗ୍ ନେବେ ।

ମୁଖ୍ୟମନ୍ତ୍ରୀ-ଅଯୋଧ୍ୟା ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉତର୍‌ପ୍ରଦେଶ୍ ଗସ୍ତ ଅବ୍‌ସରେ ଆଏଜ୍ ଅଯୋଧ୍ୟା ନ ରାମ୍‌ଲାଲାଙ୍କର୍ ଦର୍ଶନ୍ କରିଛନ୍ ।

ଓଡ଼ିଶାବାସୀଙ୍କର୍ ଲାଗି ଅଯୋଧ ନ ଅତିଥି ଭବନ୍ ତିଆର୍ କର୍‌ବାର୍ ଲାଗି ଉତରପ୍ରଦେଶ୍ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କର୍ ସହେତେ ଶ୍ରୀ ମାଝୀ ଆଲୋଚନା କର୍‌ବେ ବଲି କହିଛନ୍ । ଇଥିର୍‌ଲାଗି ଉତର୍‌ପ୍ରଦେଶ୍ ସର୍‌କାର୍ ଜମି ୟୁଗେଇ ଦେବାର୍ ଉତ୍‌ରୁ ରାଜ୍ୟ ସର୍‌କାର୍ ନିର୍ମାଣ୍ କାମ୍ ମୁଲ୍ କର୍‌ବେ । ଇନ ଜନେଇ ଦିଆୟାଇପାରେ ଯେ, ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରୟାଗ୍‌ରାଜ୍‌ର ତ୍ରିବେଣୀ ସଂଗମ୍ ନ ଗଙ୍ଗା ଆଲ୍‌ତୀ କର୍‌ବାର୍ ସହେତେ ମହାକୁମ୍ଭ ନ ବୁଡ୍ ପକେଇଥିଲେ ।

କେନ୍ଦ୍ରମନ୍ତ୍ରୀ ପୁରୀ ଗସ୍ତ ପୁରୀ ସମ୍ବାଦଦାତା

କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଓଡ଼ିଶା ଗସ୍ତଥି ଆସିକରି ଆଏଜ୍ ପୁରୀ ନ ମାହାପୁରୁମାନ୍‌କର୍ ଦର୍ଶନ୍ କରିଛନ୍ । ସବ୍‌କର୍ କଲ୍ୟାଣ୍ ଲାଗି ଜଗନ୍ନାଥଙ୍କର୍ ପାଶେ ସେ ପ୍ରାର୍ଥନା କରିଛନ୍ । ଓଡ଼ିଶା ଗସ୍ତ ସମିଆଥି କୋଣାର୍କ ମନ୍ଦିର୍‌କେ ଭିଲ୍ ଶ୍ରୀ ଶେଖାୱତ୍ ପରିଦର୍ଶନ୍ କରିକରି ଇଟା ବିଶ୍ୱ ଐତିହ୍ୟ ଆଏ ବଲି କହିଛନ୍ । କୋଣାର୍କ ନ ରେଟ୍ରୋ ଫିଟିଙ୍ଗ୍ କାମ୍‌ର ଭିଲ୍ ଅନୁଧ୍ୟାନ୍ ସେ କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ କହିଛନ୍, କେନ୍ଦ୍ର ସର୍‌କାର୍ ଭାରତ୍‌ର ପରିଚୟ କୁହାୟାଉଥିବା ଜାଗା ଆର୍ ନିର୍ମାଣ୍‌ର ଦେଖ୍‌ରେଖ୍‌କେ ସୁନିଶ୍ଚିତ୍ କରୁଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ- ସମ୍ବଲ୍‌ପୁର୍     ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ମହାନଗର୍ ନିଗମ୍ ତର୍‌ଫୁ ଜନଭାଗିଦାରୀ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କହିଛନ୍ ଯେ, ଆଏବା ଜୁନ୍ ମାସେ ଶୀତଲ୍‌ଷଷ୍ଠୀ ଯାତ୍ରାତକ୍ ସମ୍ବଲ୍‌ପୁର୍ ସହରକେ ଜନଭାଗିଦାରୀଥି ସ୍ୱଚ୍ଛ କରାଯିବା । ଇତାର୍‌ସହେତେ ସମ୍ବଲ୍‌ପୁରେ ଗୁଟେ ଅତ୍ୟାଧୁନିକ୍ ବାୟୋ ଗେସ୍ ପ୍ଲାଂଟ୍ ଥାପ୍‌ନା ହେବା ବଲି କେନ୍ଦ୍ରମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇ ଅବ୍‌ସରେ ସମ୍ବଲ୍‌ପୁର୍- ପୁର୍‌ନା ମହାନଗର୍ ନିଗମ୍ କାର୍ଯ୍ୟାଳୟ ପରିସର୍ ନ କେନ୍ଦ୍ରମନ୍ତ୍ରୀ ପତାକା ଦେଖେଇକରି ନୂଆଁ ଜଗଡ଼ା ଫିକା ଗାଡ଼ିର୍ ଶୁଭାରମ୍ଭ କରିଥିଲେ । ତାର୍ ଉତ୍‌ରୁ ଏସ୍‌ବିଆଇ ମୁଖ୍ୟ ଶାଖା ପାଖୁ ସ୍ୱଚ୍ଛତା ଅଭିଯାନ୍ ମୁଲ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଉତରାଂଚଲ୍ ପୁଲିସ୍ ଆଇଜି ହିମାଂଶୁ ଲାଲ୍, ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆର୍ ମହାନଗର୍ ନିଗମ୍ ଆୟୁକ୍ତ ବେଦଭୂଷଣ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍- ବାତ୍ସଲ୍ୟ ଯୋଜ୍‌ନା     ଆର୍‌ଏନ୍‌ୟୁ/ କଟକ୍

ମିଶନ୍ ବାତ୍ସଲ୍ୟ ଯୋଜନାଥି ଛୁଆମାନ୍‌କର୍ ଲାଗି ସାହାଜ୍ କାର୍ଯ୍ୟକ୍ରମ୍ ଆଏଜ୍ ସମ୍ବଲ୍‌ପୁର୍ ତପସ୍ୱିନୀ ପେକ୍ଷାଲୟ ନ ହେଇଯାଇଛେ । 'ସେମାନେ ଏକା ନୁହଁନ୍ତି' ଶୀର୍ଷକ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ସାହାଜ୍ ବାଂଟିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇନ ଜନେଇ ଦିଆଯାଇପାରେ ଯେ, ମିଶନ୍ ବାତ୍ସଲ୍ୟ-୨୦୨୨ ମସିହାଥି ମୁଲ୍ ହେଇଥିଲା । ଯେନ୍ ଛୁଆମାନ୍‌କର୍ ମା' ବାପା ନାଇଁଥିବେ ସେମାନେ ଇ ଯୋଜ୍‌ନାଥି ସାମିଲ୍ ହେଇପାର୍‌ବେ । ଅନାଥ୍ ଛୁଆମାନେ ନିଜର୍ ସମ୍ପର୍କୀୟଙ୍କର୍ ପାଖେ ରହିକରି ଲାଲନ୍‌ପାଲନ୍ ହେବେ ।

ପିଏମ୍ କିଷାନ୍ ସମ୍ମାନ୍ ନିଧି-ଆଂଚଳିକ ବର୍‌ଗଡ୍/ବୌଦ୍ଧ/କଳାହାଣ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପିଏମ୍ କିଷାନ୍ ସମ୍ମାନ୍ ନିଧି ସାହାଜ୍ ବାଂଟ୍‌ବାର୍ କାର୍ଯ୍ୟକ୍ରମ୍‌ର ସିଧାପ୍ରସାରଣ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଦେଖିବାର୍ ବ୍ୟବସ୍ଥା କରାଯାଇଥିଲା । ବର୍‌ଗଡ୍‌ର ଯଦୁମଣି ପ୍ରଧାନ୍ ପେକ୍ଷାଲୟ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ଆଦିତ୍ୟ କୁମାର୍ ଗୋୟଲ୍, ମୁଖ୍ୟକୃଷି ଅଧିକାରୀ ପ୍ରସନ୍ନ ମିଶ୍ର ଆର୍ ଭିନ୍ ଭିନ୍ ଅଧିକାରୀମାନ୍‌କର୍

ସହେତେ ୧୨ ଟା ବ୍ଲକ୍‌ର ଚାଷୀମାନେ ଯୋଗ୍ ଦେଇଥିଲେ । ଇ ଉଧେ ଜିଲ୍ଲାର୍ ଅଗ୍ରଣୀ ଚାଷୀମାନ୍‌କୁ ସମ୍ମାନିତ୍ କରାଯାଇଥିଲା । ଇ ବାବ୍‌ଦେ ବର୍‌ପାଲି ବ୍ଲକ୍ ବାର୍‌ଗୁଡ଼ାର୍ ଚାଷୀ ମହେଶ୍ୱର୍ ପ୍ରଧାନ୍ କହିଛନ୍,

(ଭଏସ୍ ଓଭର୍- ଚାଷୀ)

ବୌଦ୍ଧ ଟାଉହଲ୍‌ଠାନେ ପ୍ରଧାନମନ୍ତ୍ରୀଙ୍କର୍ କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଉପସ୍ଥିତ୍ ଚାଷୀମାନଙ୍କୁ ଡିବିଟି ଜରିଏ ସାହାଜ୍ ଟଙ୍କା ବାଂଟିଥିଲେ । ଇଥି ଜିଲ୍ଲାର ୨ଶହ ୫୦ନୁ ଅଏତ୍‌କା ଚାଷୀ ଯୋଗ୍ ଦେଇଥିଲେ ।

ସେନ୍ତା କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍‌ହଲ୍‌ଠାନେ ହେଇଥିବା ପ୍ରଧାନମନ୍ତ୍ରୀଙ୍କର୍ ସିଧା ପ୍ରସାରଣ କାର୍ଯ୍ୟକ୍ରମ୍‌ଥି କଳାହାଣ୍ଡି ଲୋକ ସଭା ସାଂସଦ ମାଳବିକା ଦେବୀ, ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଆଉ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍ ଜରିଏ ଜିଲ୍ଲାର ୧୩ଟା ବ୍ଲକ୍‌ର ୧ ଲାଖ୍ ୫୨ ହଜାର ୫ ଶହ ୯ନ୍ ଚାଷୀଙ୍କୁ ଡିବିଟି ଜରିଏ ସାହାଜ୍ ଟଙ୍କା ବଂଟାଯାଇଛେ ।

ଜନଅଭିଯୋଗ୍ ଶୁଣାଣି ଶିବିର

ବୌଦ୍ଧ/ ସୋନ୍‌ପୁର୍/ ଦେବ୍‌ଗଡ଼୍/ ନୂଆପଡ଼ା/ ବର୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ମିଲିତ୍ ଜନଶୁଣାଣି କରିଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ୍ ବ୍ଲକ୍ ଠାନେ ଶୁଣାଣି ଶିବିର୍ ନ ୬୫ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ଼୍ ଜିଲ୍ଲା ଭେଡ଼େନ୍ ପଂଚାୟତ୍ ସମିତି କାର୍ଯ୍ୟାଲୟ ଠାନେ ହେଇଥିବା ଶିବିର୍‌ଥି ୬୨ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ ଶଗଡ଼ା ପଂଚାୟତ୍ କାର୍ଯ୍ୟାଲୟଠାନେ ହେଇଥିବା ଜନଶୁଣାଣିଥି ୪୬ ଟା ଅଭିଯୋଗ୍ ହେଇଥିଲା ବେଲ୍‌କେ ୩୪ ଟା ସମସ୍ୟାର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ତର୍‌ଭା ବ୍ଲକ୍ ଠାନେ ହେଇଥିବା ଶିବିରଥି ୬୨ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ବେଲେ ସେଭିତ୍‌ରୁ ୩ ଟା ଅଭିଯୋଗ୍‌ର ତୁର୍‌ତି ଶୁଣାଣି ହେଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୨୧ ଟା ଅଭିଯୋଗ୍ ଆଗତ୍ ହେଇଥିଲା ।

ସେନ୍ତା ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ତୁଙ୍ଗାମାଲ୍ ପଂଚାୟତ୍‌ଠାନେ ହେଇଥିବା ଶିବିରଥି ୫୫ ଟା ଅଭିଯୋଗ୍ ଆସିଥିଲା ।

ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଟେଡ୍‌ଏକ୍ସ ଟକ୍-ଆଇଆଇଏମ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲପୁର୍‌ଠାନେ 'ଟେଡ୍‌ଏକ୍ସ ଟକ୍' କାର୍ଯ୍ୟକ୍ରମ୍ ହେଇଯାଇଛେ । ଆଇଆଇଏମ୍ ଏନ୍ତା ଗୁଟେ କାର୍ଯ୍ୟକ୍ରମ୍ ଆୟୋଜନ୍ କରିକରି ଭବିଷ୍ୟତ୍‌ର ଯୁଆନ୍ ବୃତିଜୀବୀମାନ୍‌କର୍ ଆକାଂକ୍ଷାକେ ତହଁକଉଛେ । ଇତାର୍‌ସହେତେ ଭାରତ୍‌ର ଦୂରଦର୍ଶୀମାନ୍‌କୁ ଗୁଟେ ଠାନେ ରଖିକରି ଉଦ୍‌ଭାବନ୍ ଆର୍ କିଛି ନୂଆଁ କର୍‌ବାର୍ ଚିନ୍ତାଧାରା ତହଁକାବାର୍ ଦିଗେ କାମ୍ କରୁଛେ ବଲି ବକ୍ତାମାନେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍ ।

ନୂଆପଡ଼ା- ବିଧାୟକ୍ ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ସିନାପାଲି ପଂଚାୟତ୍ ସମିତି ଠାନେ ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଇତାର୍‌ସହେତେ ଆଏବା ବଛର୍ ଲାଗି ଉନ୍ନୟନ୍ କାମ୍‌ର ଖସଡ଼ା ତିଆର୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ପ୍ରଶାସନିକ୍ ଆର୍ ଜନପ୍ରତିନିଧି ମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା- ଆଲୋଚନାଚକ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ ମୁକ୍ତବିଚାର୍ ମଂଚ ତର୍ଫୁ ମାସିକ୍ ଆଲୋଚନାଚକ୍ର 'ମାତୃଭାଷାରେ ଶିକ୍ଷାଦାନ ହିଁ ଉକୃଷ୍ଟ' ଶୀର୍ଷକ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ନାଗରିକ ମାନେ ମାତୃଭାଷାକେ ଭଲ୍ ପାଏବାର୍ ସହେତେ ଶିକ୍ଷାଦାନ୍ ବ୍ୟବସ୍ଥାଥି ଭିଲ୍ ଇତାକେ ଅଗ୍ରାଧିକାର୍ ଦେବାର୍ ଦର୍କାର୍ ବଲି ଆଲୋଚନା କରାଯାଇଥିଲା ।

ସମ୍ବଲ୍ପୁର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ    ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ଭିଏସ୍ଏସ୍ ଷ୍ଟାଡ଼ିୟମ୍ ନ ଆଏଜ୍ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍ପୁର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ ଉଦ୍ଘାଟିତ୍ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଟୁର୍ଣ୍ଣାମେଂଟ୍ର ଉଦ୍ଘାଟନ୍ କରିଛନ୍ । ସମଲେଶ୍ୱରୀ ସ୍ପୋଟିଂଗ ଆର୍ ରାଂଚି ଭିତ୍ରେ ଆଝିର୍ ଉଦ୍ଘାଟନୀ ମେଚ୍ ହେଉଛେ । କାର୍ଯ୍ୟକ୍ରମ୍ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଉପସ୍ଥିତ୍ ଥିଲେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଆଏବା ୭ ଦିନ୍‌ତକ୍ ପାଗ୍ ଶୁଖା ରହେବା । ଆଏବା ୫ ଦିନ୍ ଭିତ୍‌ରେ ବର୍ଷାକେ ନେଇକରି କେନ୍‌ସି ସତର୍କ ସୂଚ୍‌ନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛେ । ଆଏବା ୪ ଦିନ୍ ଉତ୍‌ରୁ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର ସୂଚ୍‌ନା ଦେଇଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ଆର୍ ପାର୍‌ଲାଖେମୁଣ୍ଡ ନ ୩୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।